୦୮/୦୪/୧୯୯୩

# ଜଗନ୍ନାଥ ସଦ୍‌ବୁଦ୍ଧି ଦିଅନ୍ତୁ !

ଗତକାଲି ରାଜ୍ୟ ସଚିବାଳୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉପସ୍ଥିତିରେ ଯେଉଁ ଲଙ୍କାକାଣ୍ଡ ଘଟିଗଲା ତାହା ବିଜୁ ବାବୁଙ୍କ ଶାସନର ଆଉ ଏକ କଳଙ୍କିତ ଅଧ୍ୟାୟ ହୋଇ ରହିବ । କର୍ମଚାରୀମାନଙ୍କ ଦାବୀ ଯେତେ ଉଚିତ୍ ହୋଇଥାଉ ନା କାହିଁକି ତାହା କଦାପି ଏପରି ଆଚରଣର ଅପେକ୍ଷା ରଖୁନାହିଁ । ଏକ ସଭ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଧନଜୀବନର କ୍ଷତିସାଧନ କରି କୌଣସି ସମସ୍ୟାର ସମାଧାନ କିମ୍ବା ଦାବି ପୂରଣ ହୋଇ ନ ଥାଏ । ତେବେ ଘଟଣାଟିକୁ କେବଳ ନିନ୍ଦା କରିଦେଇ ଆମର ଗଣତାନ୍ତ୍ରିକ ଦାୟିତ୍ୱ ପୂରଣ ହେଲାବୋଲି ଭାବିବା ଉଚିତ୍ ହେବନାହିଁ । ଗତକାଲିର ଦୁର୍ଭାଗ୍ୟଜନକ ଘଟଣାକୁ ରାଜନୀତି ଓ ଆବେଗର ଊର୍ଦ୍ଧ୍ୱରେ ରହି ଅନାସକ୍ତ ଭାବେ ବିଚାର କରିବାକୁ ପଡ଼ିବ । ହୁଏତ ମୁଖ୍ୟମନ୍ତ୍ରୀଙ୍କର ଗତ ତିନିବର୍ଷର ତୋଗଲକୀ ଶାସନ ଶୈଳୀ ଓ ହାମ୍‌ବଡା ନୀତି ବିରୁଦ୍ଧରେ ବହୁଦିନର ପୁଞ୍ଜିଭୁତ ଅସନ୍ତୋଷକୁ କର୍ମଚାରୀମାନେ ଗତକାଲିର ଘଟଣା ମାଧ୍ୟମରେ ପ୍ରକାଶ କରିଥାଇ ପାରନ୍ତି । କିନ୍ତୁ ସେମାନେ ବୋଧହୁଏ ଭୁଲିଗଲେ ଯେ ଏହି ଅସନ୍ତୋଷକୁ ବ୍ୟକ୍ତ କରିବାକୁ ଯାଇ ସେମାନେ ନିଜ ସମ୍ପତ୍ତିକୁ ହିଁ ନଷ୍ଟ କରିଛନ୍ତି । ସଚିବାଳୟର ଏହି କାଣ୍ଡଟି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଯେ କେତେ ତଳସ୍ତରକୁ ଖସିଯାଇଛି ତାହା ଅଧିକ ସ୍ପଷ୍ଟ କରିଛି । ବଧୂହତ୍ୟା ଓ ନାରୀ ନିର୍ଯାତନାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଜୁ ବାବୁଙ୍କ ଓଡ଼ିଶାରେ ସରକାର ସାଧାରଣ ଧନଜୀବନର ସର୍ବନିମ୍ନ ସୁରକ୍ଷା ଦେବାପାଇଁ ଆଜି ଅସମର୍ଥ । ଯେଉଁଠି ଖୋଦ୍ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ନିଜର ମୁଖ୍ୟ କାର୍ଯ୍ୟାଳୟରେ ନିଜେ ସୁରକ୍ଷିତ ନୁହଁନ୍ତି ସେଠି ସାଧାରଣ ନାଗରିକଙ୍କ କଥ କିଏ ପଚାରେ ? ଆମେ ଏକ ରକମ ଅରାଜକତା ଭିତରେ ଗତି କରୁଛୁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ମାଡ଼ତନ୍ତ୍ର ପରି ନିହାତି ଅବାନ୍ତର ଓ ଅପରିଣାମଦର୍ଶୀ ଶସ୍ତା ସ୍ଲୋଗାନ୍ ଦେଇଥିବା ବିଜୁବାବୁ ତାଙ୍କର ନିଜ କର୍ମସ୍ଥଳୀରେ ଯେପରି ନିଜ ଅଧସ୍ତନ ସହକର୍ମୀଙ୍କ ଦ୍ୱାରା ମାଡ଼ ଖାଇଲେ ତାହା ନିୟତିର କ୍ରୁର ପରିହାସ ଛଡ଼ା ଆଉ କ'ଣ ହୋଇପାରେ ? ଗୋଇନ୍ଦା ଓ ପୋଲିସ୍ ବିଭାଗର ବିଫଳତା ହିଁ ଗତକାଲିର ଘଟଣା ପାଇଁ ମୁଖ୍ୟତଃ ଦାୟୀ ବୋଲି ବିଜୁବାବୁ ଓଲଟା ସଫେଇ ଦେଇଛନ୍ତି । ସେ ବୋଧହୁଏ ଭୁଲି ଯାଉଛନ୍ତି, ଏହି ବିଭାଗ ଗୁଡ଼ିକର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ନିଜର । ଏପରି ବିଫଳତା ପାଇଁ ସେ କି କାର୍ଯ୍ୟାନୁଷ୍ଠାନ କଥା ଚିନ୍ତା କରୁଛନ୍ତି ? ବିଜୁ ବାବୁଙ୍କ ଠାରୁ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଆଶା କରିବା ମଧ୍ୟ ଆଜିର ପରିପ୍ରେକ୍ଷୀରେ ବୃଥା । କାଲିପରି ଲାଗୁଛି, କଟକର ମଦ ବିଭୀଷିକାରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣ ଗଲା । ଆର୍.ଡି.ସି. ତଦନ୍ତ ଆଗକୁ ସେ ଚିନ୍ତା ମଧ୍ୟ କଲେନାହିଁ । ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ କଥା ଗଲାଣି । ବିଭିନ୍ନ ଆଳ ଦେଖାଇ ବିଚାର ବିଭାଗୀୟ ତଦନ୍ତ ଏଡ଼ାଇ ଦିଆଗଲା । ଶେଷରେ ମାରମାର୍ ଭଣ୍ଡାରୀଆକୁ ମାର୍ ନ୍ୟାୟରେ ପୋଲିସ୍ ଓ ଅବକାରୀ ବିଭାଗର ମୁଷ୍ଟିମେୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ସବ୍‌ଇନ୍‌ସପେକ୍ଟରଙ୍କ ବିରୁଦ୍ଧରେ ସାମୟିକ ନିଲମ୍ବନ ଆଦେଶ ଦେଇ ଚୁପ୍ ରହିଲେ । ବ୍ୟବସ୍ଥା ଓ ପ୍ରଶାସନ କହିଲେ ଯେଉଁ ଆଶା ଓ ବିଶ୍ୱାସର କଥା ଆମେ ସାଧାରଣତଃ ବୁଝିଥାଉଁ, ତାହା ବିଜୁବାବୁଙ୍କ ଶାସନରେ ସ୍ୱପ୍ନ ପ୍ରାୟ ହେଲାଣି । ଅଯଥା ଜିଦ୍ ଓ ଅବାନ୍ତର ଚିନ୍ତାର ଶିକାର ହୋଇ ବିଜୁବାବୁଙ୍କ ପ୍ରଶାସନ ଆଜି ସମସ୍ତ ପରିଆରା ଓ ପ୍ରାସଙ୍ଗିକତା ହରାଇ ବସିଛି । ଏ ସରକାରରୁ ସାଧାରଣ ଲୋକେ ନ୍ୟାୟ

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଞ୍ଜନ ପଟ୍ଟନାୟକ

ପାଇବେ ବୋଲି ଆଉ ବିଶ୍ୱାସ କରୁନାହାନ୍ତି । ତା ହୋଇ ନ ଥିଲେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ଏଲ୍.ଟି.ସି. ଓ ଛୁଟି ବିକା ପ୍ରଥାକୁ ଲୋପ କରୁଥିବା ମୁଖ୍ୟମନ୍ତ୍ରୀ ଆବଶ୍ୟକ ଯୋଗ୍ୟତା ନ ଥିବା ଜଣେ ମହିଳାଙ୍କୁ ବେନିୟମ୍ ଭାବେ ଉଚ୍ଚଶିକ୍ଷା ନିର୍ଦ୍ଦେଶିକା କରିବାପାଇଁ ଜିଦ୍ କରନ୍ତେ ନାହିଁ । କଥା ଯାଇ ସୁପ୍ରିମ୍‌କୋର୍ଟରେ ପହଞ୍ଚିଲାଣି । ସରକାର ସେ ବାବଦକୁ ଯାହା ଖର୍ଚ୍ଚନ୍ତୁ ତ ହେଉଛନ୍ତି, ଉଚ୍ଚଶିକ୍ଷା ବିଭାଗ ଏବେବି ଅନାଥ ହୋଇ ରହିଛି । ନିଜର ଖିଆଲି ଶାସନରେ ହଁ ଭରୁଥିବା ବରିଷ୍ଠ ଆଇ.ଏ.ଏସ୍ ଅଫିସରମାନଙ୍କୁ ସେମାନଙ୍କର ସମୟ ନ ହେଉଣୁ ମୋଟା ଦରମାକୁ ପଦୋନ୍ନତି ଦିଆଯାଉଛି । ଅଥଚ ସାଧାରଣ କର୍ମଚାରୀମାନଙ୍କ ସୁବିଧା ସୁଯୋଗକୁ ସଙ୍କୁଚିତ କରାଯାଉଛି । ଓଡ଼ିଶାକୁ ଆଗେଇ ନେବାପାଇଁ ପ୍ରତିଦିନ ଦିବାସ୍ୱପ୍ନ ଦେଖୁଥିବା ମୁଖ୍ୟମନ୍ତ୍ରୀ ବୁଝିବା ଉଚିତ୍ ଯେ ନିଜେ କେବଳ କଥାରେ ଏକାକୀ ଦୌଡ଼ିଲେ ଓଡ଼ିଶା ଆଗେଇ ଯିବନାହିଁ । ସମସ୍ତଙ୍କୁ ନେଇ ତାଙ୍କୁ ଦୌଡ଼ିବାକୁ ପଡ଼ିବ । ସେ ମଧ୍ୟ ବୁଝିବା ଦରକାର ଯେ, ଯେଉଁ ସୁବିଧା ସୁଯୋଗ ଥରେ ଦିଆଯାଇଥାଏ ତାହା ପ୍ରତ୍ୟାହାର କରିବା ଏତେ ସହଜ ନୁହେଁ ।

ରାଜ୍ୟ ବର୍ତ୍ତମାନ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତିକରୁଛି । ଏ ସଙ୍କଟର ସମ୍ମୁଖୀନ ହେବା ପାଇଁ ସବୁ କ୍ଷେତ୍ରରେ ସମସ୍ତଙ୍କ ପାଇଁ ମିତବ୍ୟୟିତା ଅବଲମ୍ବନ କରିବା ଆବଶ୍ୟକ ହୋଇପଡ଼ିଛି । ଏହାକୁ ଯେ କେହି ବି ସ୍ୱୀକାର କରିବେ । କିନ୍ତୁ ରାଜ୍ୟରେ ଏ ଯେଉଁ ଆର୍ଥିକ ସଙ୍କଟ ଦେଖାଦେଇଛି ସେଥି ପାଇଁ ମୁଖ୍ୟମନ୍ତ୍ରୀ ନିଜେ ହିଁ ଦାୟୀ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ଅବସରରେ ନିଜେ ଏକାକୀ ଯଥେଷ୍ଟ ବୋଲି ଦମ୍ଭୋକ୍ତି ପ୍ରକାଶ କରି ସାଇକେଲ୍ ଓ ରିକ୍‌ସ ଚଢ଼ି ଦରିଦ୍ର ଓଡ଼ିଶାର ଶାସନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ଆଜି ଭାରତର ସର୍ବବୃହତ୍ ମନ୍ତ୍ରିମଣ୍ଡଳର ନେତୃତ୍ୱ ନେଉଛନ୍ତି । ଲୋକ ଦେଖାଣିଆ ଶିଳାନ୍ୟାସ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀ ଏବେ ପ୍ରତିଦିନ ଭୂମିପୂଜା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାରେ ବ୍ୟସ୍ତ । ଏଣେ କିନ୍ତୁ ପ୍ରକଳ୍ପର ଚିହ୍ନବର୍ଣ୍ଣ ନାହିଁ । ଜାତୀୟ ସ୍ତରରେ ଖର୍ଚ୍ଚକାଟ କମିଟିର ନେତୃତ୍ୱ ନେଇଥିବା ଆମ ମୁଖ୍ୟମନ୍ତ୍ରୀ ଏଠି ପ୍ରତିଦିନ ନିଜ ଖେୟାଲ୍ ମେଣ୍ଟାଇବାକୁ ଯାଇ ନୂଆ ନୂଆ ବିଭାଗ ଓ ପଦବୀ ସୃଷ୍ଟି କରିବାରେ ବ୍ୟସ୍ତ । ଓଡ଼ିଶାର ୧୩ଟି ଜିଲ୍ଲାକୁ ୨୭ଟି କରାଗଲା ପଛେ, ଏବେବି ସମସ୍ୟାର ସମାଧାନ ହେଲାନାହିଁ । ପ୍ରଶାସନକୁ ଲୋକଙ୍କ ନିକଟକୁ ନେଉଛନ୍ତି ବୋଲି କହି ନୂଆ ଜିଲ୍ଲାପାଳ ଓ ଏସ୍.ପି.ମାନଙ୍କୁ ଡାକବଙ୍ଗଳା ମାନଙ୍କରେ ବନ୍ଦୀ ରଖାଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ସେମାନଙ୍କ ପାଖରେ ନା କର୍ମଚାରୀ ଅଛନ୍ତି, ନା ସେମାନଙ୍କ ପାଇଁ ଅର୍ଥ ବରାଦ କରାଯାଇଛି ।

ସରକାରୀ କର୍ମଚାରୀମାନଙ୍କୁ ଅସନ୍ତୁଷ୍ଟ ରଖି କେହି କେବେ କିଛି ହାସଲ କରିପାରି ନାହିଁ । ତେଣୁ ଆଜି ଖର୍ଚ୍ଚ କାଟ କଥା କହିଲା ବେଳକୁ ମୁଖ୍ୟମନ୍ତ୍ରୀ ପ୍ରଥମେ ନିଜେ ନିଜ ଆଚରଣରେ ତାହାର ପ୍ରମାଣ ଦିଅନ୍ତୁ ଓ ପରେ ସେହି ଅନୁପାତରେ ସରକାରୀ କର୍ମଚାରୀଙ୍କ ଠାରୁ ସାହାଯ୍ୟ ସମର୍ଥନ ଆଶା କରନ୍ତୁ । ଏବେ ବି ସମୟ ଅଛି, ଜଗନ୍ନାଥ ମୁଖ୍ୟମନ୍ତ୍ରୀଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ସେ କର୍ମଚାରୀମାନଙ୍କୁ ବିଶ୍ୱାସକୁ ନେଇ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ବାଟ ଫିଟାନ୍ତୁ ନଚେତ୍ ଗତକାଲିର ଘଟଣା ପାଇଁ ନୈତିକ ଦାୟିତ୍ୱ ନିଜ ଉପରକୁ ନେଇ ଜନସାଧାରଣଙ୍କ ଠାରୁ ସେ ନିଜ ଆଚରଣ ଓ ନୀତି ଲାଗି ସାନି ରାୟ ଲୋଡନ୍ତୁ ।